# NATIONAL NEWS BULLETIN (ODIA)
## 18th January - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପଶ୍ଚିବଙ୍ଗ ସିଙ୍ଗୁରଠାରେଂ ୮୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

— ଯୁବବର୍ଗ, କୃଷକ ଏବଂ ମହିଳାଙ୍କ ବିକାଶପାଇଁ କାର୍ଯ୍ୟ କରୁଛନ୍ତି ସରକାର ।

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ।
- ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନପାଇଁ ଆସନ୍ତାକାଲି ହେବ ମନୋନୟନ ପତ୍ର ଦାଖଲ ।
- ଆମେରିକାର ଶୁଳ୍କ ବୃଦ୍ଧି ଘୋଷଣା ପରେ ବ୍ରସେଲ୍‌ସ୍‌ଠାରେ ୟୁରୋପୀୟ ସଂଘର ଜରୁରୀକାଳୀନ ବୈଠକ ଆହ୍ୱାନ ।

ଏବଂ

- ଭାରତ ଓ ନ୍ୟୁଜିଲାଣ୍ଡ ଅନ୍ତିମ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ୩୩୮ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ; ଭାରତର ବ୍ୟାଟିଂ ଜାରି ।

## ପି.ଏମ୍. - ୱେଷ୍ଟ ବେଙ୍ଗଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ଅନ୍ତର୍ଗତ ସିଙ୍ଗୁରଠାରେ ଆଜି ୮୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ' ବାଲାଗଡ଼ଠାରେ ସମ୍ପ୍ରସାରିତ ବନ୍ଦର ଗେଟ୍ ବ୍ୟବସ୍ଥା ସମେତ ଆଭ୍ୟନ୍ତରୀର ଜଳ ପରିବହନ ଟର୍ମିନାଲ୍ ଏବଂ ଏକ ରୋଡ୍ ଓଭରବ୍ରିଜ୍‌ର ଶିଳାନ୍ୟାସ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସମସ୍ତ କେନ୍ଦ୍ରୀୟ ପ୍ରକଳ୍ପ ପଶ୍ଚିମବଙ୍ଗର ବିକାଶକୁ ତ୍ୱରାନ୍ୱିତ କରିବ । ବିକଶିତ ପୂର୍ବଭାରତ ଲକ୍ଷ୍ୟ ହାସଲ ଦିଗରେ କେନ୍ଦ୍ର ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

ସିଙ୍ଗୁରଠାରେ ଆୟୋଜିତ ଏକ ର୍‌ୟାଲିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ପଶ୍ଚିମବଙ୍ଗର ଯୁବବର୍ଗ, କୃଷକ ଏବଂ ମହିଳାଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରୁଛନ୍ତି । ସେମାନଙ୍କ

ଜୀବନଧାରଣର ଉନ୍ନତି ନିମନ୍ତେ ଏବଂ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ରାଜ୍ୟରେ ସାଧାରଣ ନାଗରିକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାଠାରୁ ଊର୍ଦ୍ଧ୍ୱରେ ରହି ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରାୟ ୯ ଶହ ଏକର ପରିମିତ ବାଲାଗଡ଼ଠାରେ ଅତ୍ୟାଧୁନିକ ବନ୍ଦର ପରିବହନ କ୍ଷମତା ବିକଶିତ କରାଯାଇଛି । ସେଠାରେ ବାର୍ଷିକ ୨ ଦଶମିକ ୭ ମିଲିୟନ୍ ଟନ୍ ପରିବହନ କ୍ଷମତା ବୃଦ୍ଧି କରାଯାଇଛି । ସେଠାରେ ଏହି ପ୍ରକଳ୍ପ ଅଧୀନରେ ୨ଟି ଜେଟି ନିର୍ମାଣ କରାଯାଇଛି । ସଡ଼କ ସୁରକ୍ଷା ବୃଦ୍ଧି, ଯାନବାହନ ଭିଡ଼ ହ୍ରାସ ଏବଂ କୋଲ୍‌କାତା ନଗର ଅଞ୍ଚଳରେ ପ୍ରଦୂଷଣ ହ୍ରାସ, ଜନବସତି ଅଞ୍ଚଳର ଲୋକଙ୍କ ଜୀବନଧାରଣର ମାନ ଉନ୍ନତି କରିବା ବାଲାଗଡ଼ ପ୍ରକଳ୍ପର ଲକ୍ଷ୍ୟ ରହିଛି ।

***Voice (PM-Singur)*** :........

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କୋଲ୍‌କାତାସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ବନ୍ଦରର କ୍ଷମତା ବୃଦ୍ଧି କରିଛନ୍ତି । କେନ୍ଦ୍ର ସରକାର ପଶ୍ଚିମବଙ୍ଗକୁ ଜଳ ପରିବହନ ବ୍ୟବସ୍ଥାର ବିକାଶପାଇଁ ସହାୟତା କରୁଛନ୍ତି । ପ୍ରଧାନମନ୍ତ୍ରୀ କୋଲ୍‌କାତାଠାରେ State of the Art Electric Catamaranର ଶୁଭାରମ୍ଭ କରିଛନ୍ତି । ଏହା ହେଉଛି ୬

ଇଲେକ୍ଟ୍ରିକ୍ କାଟାମାରାନ୍ ମଧ୍ୟରେ ଅନ୍ୟତମ । ଏହା ଆଭ୍ୟନ୍ତରୀଣ ଜଳ ପରିବହନ ବ୍ୟବସ୍ଥାପାଇଁ କୋଚିନ୍ ସିପ୍ୟାର୍ଡ଼ ଲିମିଟେଡ୍ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି ।

ସେହିପରି ପ୍ରଧାନମନ୍ତ୍ରୀ ଜୟରାମବାଟି-ବାରୋଗୋପୀନାଥପୁର-ମେନାପୁର ନୂତନ ରେଳଲାଇନ୍‌ର ଉଦ୍‌ଘାଟନ କରିଛନ୍ତି । ଏହା ତାରକେଶ୍ୱର-ବିଷ୍ଣୁପୁର ନୂତନ ରେଳଲାଇନ୍ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ପ୍ରଧାନମନ୍ତ୍ରୀ ୩ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ହାଓ୍ୱଡ଼ା-ଆନନ୍ଦ ବିହାର ଟର୍ମିନାଲ୍ ଅମୃତ ଭାରତ ଏକ୍ସପ୍ରେସ୍, ସିଆଲ୍‌ଦା-ବନାରସ ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ସାନ୍ତ୍ରାଗାଛି-ତାମ୍ବାରାମ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ଗୋଟିଏ ଯାତ୍ରୀବାହୀ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷ୍, କେନ୍ଦ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମ୍‌ଦାର, ଶନ୍ତନୁ ଠାକୁର ପ୍ରମୁଖ ଯୋଗ ଦେଇଥିଲେ ।

## ପି.ଏମ୍. - ବାଗୁରୁମ୍ବା ଡୋହୁ

ଗୁଆହାଟୀର ବାଗରୁମ୍ବା ଡୋହୁ ପର୍ବ ତାଙ୍କପାଇଁ ଅବିସ୍ମରଣୀୟ ଅନୁଭୂତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ସାମାଜିକ ଗଣମାଧ୍ୟମରେ

ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଏହି ପର୍ବ ସମଗ୍ର ଦେଶରେ ଆନନ୍ଦ ଉତ୍ସାହ ଖେଳାଇ ଦେଇଛି । ଜନସାଧାରଣ ଆସାମର ସମୃଦ୍ଧ ଏବଂ ଗୌରବମୟ ସଂସ୍କୃତିକୁ ପ୍ରଶଂସା କରୁଛନ୍ତି । କାର୍ଯ୍ୟକ୍ରମରେ ବୋଡ଼ୋ ସଂସ୍କୃତିକୁ ପ୍ରଦର୍ଶିତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିବାବେଳେ ଲେଜର୍ ଶୋ କାର୍ଯ୍ୟକ୍ରମ ସମସ୍ତଙ୍କ ଆକର୍ଷିତ କରିଥିଲା ।

## ପି.ଏମ୍. ବିଶ୍ୱକର୍ମା ହାଟ

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ୨୦୨୬ ଆରମ୍ଭ ହୋଇଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତରାମ ମାଞ୍ଝି ଏହାକୁ ଉଦ୍‌ଘାଟନ କରିବା ସହିତ ହାଟରେ ଅଂଶଗ୍ରହଣ କରିଥିବା ହସ୍ତଶିଳ୍ପୀ ଏବଂ ହସ୍ତକଳା କାରିଗରଙ୍କ ସହ ମତ ବିନିମୟ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମାନ୍‌ଝି କହିଛନ୍ତି ଏହି ଯୋଜନା ଦେଶରେ ବେରୋଜଗାରୀ ଦୂର କରିବାର ଏକ ମାଧ୍ୟମ ପାଲଟିଛି । ଏଥିରେ ଅଂଶଗ୍ରହଣ କରୁଥିବା ହସ୍ତଶିଳ୍ପୀ ଏବଂ କାରିଗରଙ୍କୁ ଶ୍ରୀ ମାନ୍‌ଝି ଉଚ୍ଚ ପ୍ରଶଂସା କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଯୋଗଦେଇ କହିଛନ୍ତି ଏହି ଯୋଜନା କାରିଗରଙ୍କୁ ପ୍ରଯୁକ୍ତିବିଦ୍ୟା  ସହାୟତା,

ତାଲିମ ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା ପ୍ରଦାନ କରିବାରେ ସହଯୋଗ କରୁଛି । ଆଗାମୀ ଦିନରେ ହସ୍ତକଳା ଏବଂ ହସ୍ତଶିଳ୍ପୀ କାରିଗରମାନେ ଉଦ୍ୟୋଗୀ ଭାବରେ ଉଭା ହେବା ସହ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୋଗଦାନ ପ୍ରଦାନ କରିବେ ବୋଲି ରାଷ୍ଟ୍ରପତି କହିଛନ୍ତି ।

## ବି.ଜେ.ପି. - ଇଲେକ୍ସନ୍

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ଆସନ୍ତାକାଲି ମନୋନୟନ ପତ୍ର ଦାଖଲ ହେବାର କାର୍ଯ୍ୟସୂଚୀ ରହିଛି । ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ କେ. ଲକ୍ଷ୍ମଣ ଜାରି କରିଥିବା ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରାର୍ଥିପତ୍ର ଆସନ୍ତାକାଲି ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ଦାଖଲ ହେବ ଏବଂ ପ୍ରାର୍ଥୀପତ୍ରଗୁଡ଼ିକର ଯାଞ୍ଚ୍ କାର୍ଯ୍ୟ ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ କରାଯିବ । ଏହା ପରେ ପରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କାର୍ଯ୍ୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ପ୍ରାର୍ଥୀପତ୍ର ଦାଖଲ ହେବା ପ୍ରକ୍ରିୟା ଶେଷ ହେବା ପରେ ଆବଶ୍ୟକ ହେଲେ ମଙ୍ଗଳବାର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦପାଇଁ ଭୋଟ୍‌ଗ୍ରହଣ ହେବ ।

# ଇ.ୟୁ. - ଏମର୍ଜେନ୍ସି ମିଟିଂ

ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ୍ ୮ଟି ୟୁରୋପୀୟ ରାଷ୍ଟ୍ରରୁ ଆସୁଥିବା ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ଘୋଷଣା କରିବା ପରେ ୟୁରୋପୀୟ ସଂଘ ପକ୍ଷରୁ ଆଜି ବ୍ରସେଲ୍ସଠାରେ ଜରୁରୀକାଳୀନ ବୈଠକ ଆହ୍ୱାନ କରାଯାଇଛି । ସମସ୍ତ ୨୭ଟି ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତମାନେ ବୈଠକରେ ଅଂଶଗ୍ରହଣ କରି ତାଙ୍କର ମତାମତ ପ୍ରଦାନ କରିବେ । ପୂର୍ବରୁ ଶ୍ରୀ ଟ୍ରମ୍ପ୍' ଡେନ୍‌ମାର୍କ, ନରୱେ, ସ୍ୱିଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ୍, ନେଦରଲାଣ୍ଡ ଏବଂ ଫିନ୍‌ଲାଣ୍ଡରୁ ଆସୁଥିବା ସାମଗ୍ରୀଗୁଡ଼ିକ ଉପରେ ଆସନ୍ତାମାସ ପହିଲାରୁ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିବା ନେଇ ସାମାଜିକ ଗଣମାଧ୍ୟମରେ ଘୋଷଣା କରିଥିଲେ । ସେ ଆହୁରି ସୂଚନା ଦେଇ କହିଥିଲେ, ଏହି ଶୁଳ୍କ ଜୁନ୍ ପହିଲାରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇବ ଏବଂ ଏହି ପ୍ରକ୍ରିୟା ଗ୍ରୀନ୍‌ଲାଣ୍ଡ ଆମେରିକା ଅଧୀନକୁ ଆସିବା ପର୍ଯ୍ୟନ୍ତ ବଳବତ୍ତର ରହିବ । ଆମେରିକା ନିକଟରେ ଗ୍ରୀନ୍‌ଲାଣ୍ଡର ପ୍ରଚୁର ଖଣିଜ ସମ୍ପଦ  ଏବଂ ତାହାର ରଣନୈତିକ ଗୁରୁତ୍ୱ ରହିଛି ବୋଲି ଶ୍ରୀ ଟ୍ରମ୍ପ୍ ଗୁରୁତ୍ୱାରୋପ କରିଥିଲେ ।

ଅପର ପକ୍ଷରେ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ ଆମେରିକାର ଏହି ପଦକ୍ଷେପ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଛନ୍ତି ।  ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ମଧ୍ୟ ଏହା ଗ୍ରହଣୀୟ ନୁହେଁ ବୋଲି ସୂଚନା ଦେଇଛନ୍ତି । ୟୁରୋପୀୟ

ସଂଘର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିଏନ୍ ମଧ୍ୟ ଏହାକୁ ସମାଲୋଚନା କରିଛନ୍ତି ।

ଇତିମଧ୍ୟରେ ଡେନ୍‌ମାର୍କର ଅନୁରୋଧକ୍ରମେ ଗ୍ରୀନ୍‌ଲାଣ୍ଡଠାରେ ଅନେକ ୟୁରୋପୀୟ ରାଷ୍ଟ୍ର ପକ୍ଷରୁ ସେନା ମୁତୟନ କରାଯାଇଛି । ସ୍ୱିଡେନ୍‌ର ପ୍ରଧାନମନ୍ତ୍ରୀ ଉଲ୍‌ଫ୍ କ୍ରିଷ୍ଟେର୍‌ସନ୍ କହିଛନ୍ତି, ସେମାନଙ୍କୁ କେହି ଭୟଭୀତ କରିପାରିବେ ନାହିଁ । ଗ୍ରୀନ୍‌ଲାଣ୍ଡ ଓ ଡେନ୍‌ମାର୍କରେ ଆନ୍ଦୋଳନକାରୀମାନେ ମାର୍ଚ୍ଚଫାଷ୍ଟ କରିବା ସହ ଜାତୀୟ ପତାକା ଧରି ଗ୍ରୀନ୍‌ଲାଣ୍ଡକୁ କେହି ବିକ୍ରି କରିପାରିବେ ନାହିଁ ବୋଲି ସ୍ୱର ଉତ୍ତୋଳନ କରିଛନ୍ତି ।

## ପାକିସ୍ତାନ - ମଲ୍ ଫାୟାର

ପାକିସ୍ତାନର କରାଚିଠାରେ ଏକ ସପିଙ୍ଗ୍ ମଲ୍‌ରେ ଅଗ୍ନିକାଣ୍ଡ ଘଟି ୬ ଜଣ ଲୋକଙ୍କ ମୃତ୍ୟୁ ଘଟିବା ସହ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଗୁରୁତର ଆହତଙ୍କୁ ଚିକିତ୍ସା ନିମନ୍ତେ ସିଭିଲ୍ ହସ୍ପିଟାଲ୍ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି । ଅଗ୍ନିକାଣ୍ଡ ଯୋଗୁଁ ମଲ୍‌ରେ ଆଭ୍ୟନ୍ତରୀଣ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇବା ଯୋଗୁଁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି । ଅଗ୍ନି ନିର୍ବାପକ ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଲ୍‌ରେ ଆଉ କେତେକ ଲୋକ ଫସି ରହିଥିବାର ସନ୍ଦେହ କରାଯାଉଛି ।

## ଜୟଶଙ୍କର - ୟୁ.ଏସ୍. ସିନେଟର୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଯୁକ୍ତରାଷ୍ଟ୍ର ଆମେରିକାର ସିନେଟର୍ ଷ୍ଟିଭ୍ ଡେନିସ୍ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ବୈଠକ କାଳରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଉଲ୍ଲେଖନୀୟ ରଣନୈତିକ ପଦକ୍ଷେପ ବ୍ୟାପକ କରିବା ନେଇ ମୁକ୍ତ ଆଲୋଚନା କରିଥିଲେ ।

## ରେଲ୍‌ୱେ - ଷ୍ଟାକ୍ ଡାଟା

ଭାରତୀୟ ରେଳବାଇ ପକ୍ଷରୁ ଆସନ୍ତା ୨ ବର୍ଷ ମଧ୍ୟରେ ୭ ହଜାର ୯ ଶହ କିଲୋମିଟର ରେଳ ଟ୍ରାକ୍‌ର ନବୀକରଣ କରାଯିବାର ଯୋଜନା ରହିଛି ବୋଲି ସୂଚନା ଦିଆଯାଇଛି । ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୫-୨୬ ଆର୍ଥିକ୍ ବର୍ଷରୁ ୭ ହଜାର ୫ ଶହ କିଲୋମିଟରରୁ ଊର୍ଦ୍ଧ୍ୱ ରେଳଲାଇନ୍ ନବୀକରଣ କାର୍ଯ୍ୟ ଚାଲୁ ରହିଛି ଏବଂ ୬ ହଜାର ୮ ଶହ କିଲୋମିଟରରୁ ଊର୍ଦ୍ଧ୍ୱ ରେଳଲାଇନ୍ ଟ୍ରାକ୍‌ର ନବୀକରଣ କାର୍ଯ୍ୟ ଗତ ଆର୍ଥିକ ବର୍ଷରୁ ସମ୍ପନ୍ନ ହୋଇପାରିଛି । ସେହିପରି ଦ୍ରୁତଗାମୀ କ୍ଷମତାସମ୍ପନ୍ନ ରେଳ

ଟ୍ରାକ୍ ଦ୍ୱିଗୁଣିତ କରାଯାଇଛି । ୨୦୧୪ ମସିହାରେ ଏହା ୩୧ ହଜାର କିଲୋମିଟର ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୮୪ ହଜାର କିଲୋମିଟରକୁ ବୃଦ୍ଧି ପାଇଛି । ଗତ ୧୧ ବର୍ଷ ମଧ୍ୟରେ ରେଳବାଇର ଟ୍ରାକ୍ ଭିତ୍ତିଭୂମି କାର୍ଯ୍ୟ ସୁଦୃଢ଼ ହୋଇପାରିଛି ଏବଂ ପୁଞ୍ଜି ବିନିଯୋଗ ଓ ସଫଳ ରୂପାୟନ ଯୋଗୁଁ ଯାତ୍ରୀ ସୁରକ୍ଷା ମାନ ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଜେ.କେ. - ଏନ୍‌କାଉଣ୍ଟର୍

ଜମ୍ମୁ ଓ କାଶ୍ମୀରର କିସ୍ତୱାଡ଼ା ଜିଲ୍ଲା ଅନ୍ତର୍ଗତ ଚାତ୍ରୁ'ର ସିଙ୍ଗପୁରା ଅଞ୍ଚଳରେ ଆଜି ସୁରକ୍ଷା ବାହିନୀ ସହ ସନ୍ତ୍ରାସବାଦୀମାନଙ୍କ ଗୁଳିଗୋଳା ବିନିମୟ ଜାରି ରହିଥିବା ସୂଚନା ମିଳିଛି । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ, ସେହି ଅଞ୍ଚଳରେ ସନ୍ତ୍ରାସବାଦୀମାନେ ରହିଥିବା ସୂଚନା ମିଳିବା ପରେ ସୁରକ୍ଷା ବାହିନୀ ପକ୍ଷରୁ ମିଳିତ ତଲାସୀ କାର୍ଯ୍ୟକୁ ଜୋର୍‌ଦାର କରାଯାଇଥିଲା । ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ବିନିମୟ ଆରମ୍ଭ ହୋଇଥିଲା । ସେହି ଅଞ୍ଚଳକୁ ଘେରାଉ କରାଯାଇ ଅତିରିକ୍ତ ସେନା ସହ ସୁରକ୍ଷା ବାହିନୀ ଯବାନମାନେ ଗୁଳି ବିନିମୟ ଜାରି ରଖିଛନ୍ତି ।

# କ୍ରିକେଟ୍ - ଇଣ୍ଡିଆ-ନ୍ୟୁଜିଲାଣ୍ଡ

ଇନ୍ଦୋରର ହୋଲ୍କର ଷ୍ଟାଡିୟମ୍‌ଠାରେ ଭାରତ ଓ ନ୍ୟୁଜିଲାଣ୍ଡ ପୁରୁଷବର୍ଗ ତିନି ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ର ଆଜି ଅନ୍ତିମ ଦିବସରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୩୭ ରନ୍ ସଂଗ୍ରହ କରିଛି । ୩୩୮ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୧୫ ଓଭର୍‌ରେ ୪ ୱିକେଟ୍ ହରାଇ ୮୨ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ରେ ସମାନ ସ୍ତରରେ ରହିଛନ୍ତି ।

*****